## ସଂକ୍ଷେପରେ

### ଜୁଆ ଆଡ୍ଡାରୁ ୧୧ ମହିଳା ଗିରଫ
#### ୨.୬୮ ଲକ୍ଷ ଟଙ୍କା, ୧୫ ମୋବାଇଲ ଫୋନ୍ ଜବତ

**ବ୍ରହ୍ମପୁର ଅଫିସ,୧୬।୬:** ସଦର ଥାନା ପୋଲିସ ବୁଧବାର ସନ୍ଧ୍ୟାରେ ଏକ ବଡ ଧରଣର ଜୁଆ ଆଡ୍ଡାରେ ଚଢ଼ାଉ କରିଥିଲା। ଦୀର୍ଘ ବର୍ଷ ହେଲା ପୋଲିସ ଆଢୁଆଳରେ ରହି ମହିଳା ଜୁଆଡ଼ିମାନେ ଜୁଆ ଖେଳୁଥିଲେ। ପୂର୍ବରୁ ପୋଲିସକୁ ଦୁଇଥର ଚକମା ଦେଇଥିବା ମହିଳା ଜୁଆଡ଼ିଙ୍କୁ ଶେଷରେ ପୋଲିସ ଭାବିନୀପୁରରୁ କାବୁ କରିଛି। ଏହି ଜୁଆ ଖେଳକୁ ଜଣେ ମହିଳା ଚଳାଉଥିଲେ ବୋଲି ସୂଚନା ମିଳିଛି। ବ୍ରହ୍ମପୁର ଏସ୍‌ପି ଶ୍ରବଣା ବିବେକ ଏମ.ଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଉକ୍ତ ଜୁଆ ଆଡ୍ଡା ଚାରିପଟେ ଘେରିଯାଇ ଚଢ଼ାଉ କରିଥିଲା। ସେଠାରୁ ୧୧ ମହିଳା ଜୁଆଡ଼ିଙ୍କୁ ଗିରଫ କରାଯାଇଥିଲା। ଉକ୍ତ ଜୁଆ ଆଡ୍ଡାରୁ ପୋଲିସ ୨ ଲକ୍ଷ ୬୮ ହଜାର ୫୦୦ ଟଙ୍କା, ୧୫ଟି ମୋବାଇଲ ଓ ଖେଳ ପ୍ରସ୍ତୁତି ସାମଗ୍ରୀ ଜବତ କରାଯାଇଥିବା ଥାନାଧିକାରୀ ମହେନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ଏ ନେଇ ମାମଲା ନମ୍ବର ୨୪୮/୨୨ରେ ମହିଳା ଜୁଆଡ଼ିମାନଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି।

### ନିଶା ଦେଇ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ଯୁବକ ଗିରଫ

**ବ୍ରହ୍ମପୁର ଅଫିସ,୧୬।୬:** ନାବାଳିକାଙ୍କ ସହ ପ୍ରଥମେ ବନ୍ଧୁତା ଏବଂ ପରେ ନିଶା ଦେଇ ବଳାତ୍କାର ଉଦ୍ୟମ ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଅରବିନ୍ଦନଗରର ପ୍ରଭୁକଲ୍ୟାଣ ପଣ୍ଡା। ପ୍ରଭୁକଲ୍ୟାଣ କଲେଜରେ ପଢୁଥିବା ଉକ୍ତ ନାବାଳିକାଙ୍କ ସହ ବନ୍ଧୁତା ସ୍ଥାପନ କରିବା ପରେ ପ୍ରେମ ସମ୍ପର୍କ ରଖିଥିଲେ। କିଛି ଦିନ ତଳେ ନାବାଳିକାଙ୍କୁ ନିଶା ଦେଇ ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ। ଏପରିକି ସମ୍ପର୍କ ନ ରଖିଲେ ପୂର୍ବ ଭିଡିଓ ଭାଇରାଲ କରିଦେବେ ବୋଲି ଧମକ ଦେଇଥିଲେ। ଏ ନେଇ ନାବାଳିକା ଜଣଙ୍କ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ନାବାଳିକାଙ୍କ ବୟାନ ରେକର୍ଡ କରିଥିଲା। ତାଙ୍କ ଅଭିଯୋଗ ଏବଂ ବୟାନ ଅନୁସାରେ ଗୁରୁବାର ଅଭିଯୁକ୍ତ ପ୍ରଭୁକଲ୍ୟାଣଙ୍କୁ ଗିରଫ କରାଯାଇଛି।

# ବିଭିନ୍ନ ବିଭାଗ ପରିଦର୍ଶନ କରି ତଥ୍ୟ ସଂଗ୍ରହ

### ଏମ୍‌କେସିଜିରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ସଡ଼କ ସୁରକ୍ଷା ଟିମ୍

ବ୍ରହ୍ମପୁର ଅଫିସ,୧୬।୬

ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତି ସଡକ ସୁରକ୍ଷା ଟିମ୍ ଗୁରୁବାର ବ୍ରହ୍ମପୁର ବଡ ମେଡିକାଲ କଲେଜ ପରିଦର୍ଶନ କରିଛନ୍ତି। ମୁଖ୍ୟତଃ ଦୁର୍ଘଟଣାଜନିତ ଚିକିତ୍ସା ସେବାକୁ ନେଇ ଏହି ଟିମ୍ ଏମ୍‌କେସିଜିର ବିଭିନ୍ନ ବିଭାଗ ବୁଲି ସେଠାକାର ସ୍ଥିତି ମୂଲ୍ୟାୟନ କରିଛନ୍ତି। ସଡକ ସୁରକ୍ଷା ଟିମ୍ ଜାତୀୟ ରାଜପଥ ଦୁର୍ଘଟଣା ଉପରେ ଗୁରୁତ୍ୱ ଦେବା ସହ ଦୁର୍ଘଟଣା ପରେ ଏମକେସିଜିରେ ରୋଗୀଙ୍କୁ କିପରି ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି ସେ ନେଇ ଟ୍ରମା କେୟାର ସେଣ୍ଟର ଏବଂ ଏହା ତତ୍ ସମ୍ବନ୍ଧୀୟ ବିଭାଗ ବୁଲି ଦେଖିଥିଲେ।

ଗୁରୁବାର ଅପରାହ୍ନ ପ୍ରାୟ ସାଢେ ଗୋଟାଏ ବେଳେ ଅତିରିକ୍ତ ଡିଏମ୍‌ଇଟି ପ୍ରଫେସର ଡାକ୍ତର ଉମା ଶତପଥୀଙ୍କ ସମେତ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଦୁଇ ବରିଷ୍ଠ ଅଧିକାରୀ ଏମ୍‌କେସିଜିରେ ପହଞ୍ଚିଥିଲେ। ଏହି ଟିମ୍ ପ୍ରଥମେ ଏମ୍‌କେସିଜି ଡିନ୍ ପ୍ରଫେସର ଡାକ୍ତର ଅବନୀକାନ୍ତ ମିଶ୍ରଙ୍କ ପ୍ରକୋଷ୍ଠକୁ ଯାଇ କିଛି ସମୟ ଆଲୋଚନା କରିବା ପରେ ସେଠାରୁ ସିଧା ଏମ୍‌କେସିଜି କାଜୁଆଲଟିରେ ପହଞ୍ଚିଥିଲେ।



ଏମକେସିଜି ପରିଦର୍ଶନ କରୁଛନ୍ତି ସଡକ ସୁରକ୍ଷା ଟିମ୍।

କାଜୁଆଲଟି ଜରୁରୀକାଳିନ ଅସ୍ତ୍ରୋପଚାର ଗୃହ, ଶଯ୍ୟା ସଂଖ୍ୟା ସହ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସୁଯୋଗ ବିଷୟରେ ଅନୁଧ୍ୟାନ କରିଥିଲେ। ପରେ ଟିମ୍ କାଜୁଆଲଟି ସମ୍ମୁଖରେ ଥିବା ଟ୍ରମା କେୟାର ସେଣ୍ଟରକୁ ଯାଇ ସେଠାରେ ଥିବା ଅସ୍ତ୍ରୋପଚାର ଗୃହ, ଇନ୍‌ଡୋର, ଏକ୍ସ-ରେ, କର୍ମଚାରୀ ସଂଖ୍ୟା, ନିଯୁକ୍ତି ହୋଇଥିବା ଡାକ୍ତର ଓ ବିଭିନ୍ନ ସରଞ୍ଜାମ ବୁଲି ଦେଖିଥିଲେ। ପୂର୍ବରୁ ଏମ୍‌କେସିଜିର ଟ୍ରମା କେୟାର ସେଣ୍ଟର ଲେବୁଲ୍ ୨ରେ ଥିବା ବେଳେ ବର୍ତ୍ତମାନ ତାହାକୁ ଲେବୁଲ୍ ୧କୁ ଅପଗ୍ରେଡ୍ କରାଯାଇଛି। ସେହି କ୍ରମରେ ଏଠାରେ ଆବଶ୍ୟକ ନ୍ୟୁରୋ ସର୍ଜରୀ ଓ ପ୍ଲାଷ୍ଟିକ୍ ସର୍ଜରୀ ଡାକ୍ତର ନ ଥିବା ବେଳେ ଅନ୍ କଲରେ ଡାକ୍ତର ଆସୁଥିବା ନେଇ ଅତିରିକ୍ତ ଡିଏମ୍‌ଇଟି ଶତପଥୀ ସୂଚନା ଦେଇଛନ୍ତି। ପରେ ଏହି ଟିମ୍ ରକ୍ତଭଣ୍ଡାର ଯାଇ ବିଭିନ୍ନ ଗ୍ରୁପର ରକ୍ତ ୟୁନିଟ୍ ସଂଖ୍ୟା, ରକ୍ତ ସଂଗ୍ରହ ବ୍ୟବସ୍ଥା ପରଖି କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ସେଠାରୁ ରେଡିଓଲୋଜି ବିଭାଗକୁ ଯାଇ ଏମ୍ଆରଆଇ ସେଣ୍ଟର, ସିଟିସ୍କାନ୍ ମେଶିନ୍, ଅଲଟ୍ରାସାଉଣ୍ଡ, ଏକ୍ସ-ରେ ଆଦି ବିଭାଗ ବୁଲି ଦେଖିଥିଲେ। ସାରା ଦେଶରେ ବର୍ତ୍ତମାନ ଜାତୀୟ ରାଜପଥରେ ଦୁର୍ଘଟଣା ବୃଦ୍ଧି ପାଉଥିବା ଉଦ୍‌ବେଗର କାରଣ ହୋଇଛି। ଏ ନେଇ ସୁପ୍ରିମକୋର୍ଟ ପକ୍ଷରୁ ଏକ ଟିମ୍ ଗଠନ କରି ବିଭିନ୍ନ ରାଜ୍ୟରେ ଦୁର୍ଘଟଣା ଜନିତ ଚିକିତ୍ସା ସେବା କିପରି ଉପଲବ୍ଧ ଅଛି ତାହାର ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହି କ୍ରମରେ ଏହି ଟିମ୍ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଯାଇ ମେଡିକାଲର ଟ୍ରମା ସେଣ୍ଟରକୁ ଯାଇ ସେଠାକାର ସ୍ଥିତି ପରିକ୍ଷିବା ସହ ଏକ ରିପୋର୍ଟ ପ୍ରସ୍ତୁତ କରି ସୁପ୍ରିମକୋର୍ଟଙ୍କୁ ପ୍ରଦାନ କରିବେ ବୋଲି ଜଣାପଡିଛି। ରିପୋର୍ଟ ପାଇବା ପରେ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ଦୁର୍ଘଟଣା ରୋକିବା ଏବଂ ଚିକିତ୍ସାସେବାକୁ ଅଧିକ ତ୍ୱରାନ୍ୱିତ କରିବା ଦିଗରେ କାର୍ଯ୍ୟ କରିବେ ବୋଲି ଆଶା କରାଯାଉଛି।

ଟିମ୍‌ଙ୍କ ଗସ୍ତ ସମୟରେ ଉପାଧ୍ୟକ୍ଷ ପ୍ରଫେସର ନରେନ୍ଦ୍ର ବେହେରା ଓ ପ୍ରଫେସର ଦୁର୍ଗାମାଧବ ଶତପଥୀ, ଅତିରିକ୍ତ ଅଧୀକ୍ଷକ ଡାକ୍ତର କିରଣ ପଟ୍ଟନାୟକଙ୍କ ସମେତ ମେଡିକାଲ ମ୍ୟାନେଜର ମାନେ ଉପସ୍ଥିତ ଥିଲେ।

### ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ, ସ୍ୱାମୀ ଅଟକ

ଶେରଗଡ଼୧୬।୬(ଡି.ଏନ.ଏ.)

ଶେରଗଡ ଥାନା ଅନ୍ତର୍ଗତ ପଟାପାବୁଲି ଗ୍ରାମରେ ବୁଧବାର ରାତିରେ ଜଣେ ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ କବିତା ସ୍ୱାଇଁ (୧୯)। ଦୁଇମାସ ତଳେ ବିବାହ କରିଥିବା କବିତାଙ୍କ ମୃତଦେହକୁ ତାଙ୍କ ଶ୍ୱଶୁର ଘରୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାକୁ ପଠାଇଛି। ଏ ନେଇ ନଂ.୧୮୬/୨୨ରେ ମାମଲା ରୁଜୁ ହୋଇଛି। କବିତାଙ୍କୁ ହତ୍ୟା ସନ୍ଦେହରେ ପୋଲିସ ତାଙ୍କ ସ୍ୱାମୀ କାଳୁ ସ୍ୱାଇଁଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି। ଗତ ଏପ୍ରିଲ ୪ରେ ଲାଞ୍ଜିଆପଲ୍ଲୀର ସୀମାଞ୍ଚଳ ସ୍ୱାଇଁଙ୍କ ଝିଅ କବିତାଙ୍କ ପଟାପାବୁଲି ଗ୍ରାମର କାଳୁଙ୍କ ସହ ବିବାହ ହୋଇଥିଲା। ବିବାହ ସମୟରେ ସମସ୍ତ ଜାନିଯୌତୁକ ଦିଆଯାଇଥିଲା। ବିବାହର ମାସକ ପରେ କବିତା ଓ କାଳୁ ପରିବାର ମଧ୍ୟରେ ଗଣ୍ଡଗୋଳ ହେବାରୁ ଶେରଗଡ଼ ଥାନାକୁ କଥା ଯାଇଥିଲା। ଥାନାରେ ଉଭୟ ପରିବାର ମଧ୍ୟରେ ଆପୋଷ ସମାଧାନ ହୋଇଥିଲା। ଦୁଇଦିନ ତଳେ ଝିଅଜୋଇଁ ଘରକୁ ଆସିଥିଲେ। ଫେରିବାର ଗୋଟିଏ ଦିନ ପରେ ଝିଅର ମୃତ୍ୟ ହୋଇଛି ବୋଲି କାଳୁଙ୍କ ପରିବାର ପକ୍ଷରୁ ଖବର ଆସିଲା ବୋଲି କବିତାଙ୍କ ବାପା ସୀମାଞ୍ଚଳ କହିଛନ୍ତି। ଝିଅକୁ ତଣ୍ଟି ଚିପି ମାରି ଦିଆଯାଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ତଦନ୍ତ ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁ କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ମନୋଜ କୁମାର ପ୍ରଧାନ କହିଛନ୍ତି।

## ସୁନା ଚୋରି ଘଟଣା
# ପଶ୍ଚିମବଙ୍ଗରୁ ଅଭିଯୁକ୍ତ ଗିରଫ

ବ୍ରହ୍ମପୁର ଅଫିସ,୧୬।୬

ଏକ ସୁନା ଦୋକନରୁ ୧୩୦ ଗ୍ରାମ ସୁନା ଅଳଙ୍କାର ନେଇ ଫେରାର ହୋଇଯାଇଥିବା କାରିଗର ରୁପମ୍ ଚକ୍ରବର୍ତ୍ତିଙ୍କୁ ବଡବଜାର ଥାନା ପୋଲିସ ଗୁରୁବାର ସନ୍ଧ୍ୟାରେ ଗିରଫ କରିଛି। ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ପଶ୍ଚିମବଙ୍ଗରୁ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସୁନା ଗହଣା ଜବତ କରଥିବା ଥାନାଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଅଭିଯୁକ୍ତ ରୁପମ୍ ଉକ୍ତ ଚୋରି ସୁନା ଚେନ୍ନାଇ, ପଶ୍ଚିମବଙ୍ଗ ଏହିପରି ବିଭିନ୍ନ ରାଜ୍ୟରେ ବିକ୍ରି କରିଥିବା ନେଇ ସେ ଜେରା ବେଳେ ସ୍ୱୀକାର କରିଛନ୍ତି। ପରେ ରୁପମଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯାଇଛି। ସେଠାରୁ ଟ୍ରାନଜିଟ୍ ରିମାଣ୍ଡରେ ବ୍ରହ୍ମପୁର ଅଣାଯିବ ବୋଲି ସୂଚନା ମିଳିଛି।

ଘଟଣାରୁ ପ୍ରକାଶ ଯେ ବଡବଜାର ଥାନା ଅନ୍ତର୍ଗତ ସାନବଜାର ଛକରେ ପଶ୍ଚିମବଙ୍ଗ ଦାସପୁର ଥାନା ଅନ୍ତର୍ଗତ ଭୁଟା ଗ୍ରାମର ନୁରାଲାମ୍ ମଲ୍ଲିକଙ୍କ ଏକ ସୁନା ଅଳଙ୍କାର ପ୍ରସ୍ତୁତି କାରଖାନା ତଥା ୱାର୍କସପ ରହିଛି। ସେଠାରେ ନୁରାଲାମଙ୍କ ଗ୍ରାମର ରୁପମ କାରିଗର ଭାବରେ କାର୍ଯ୍ୟ କରୁଥିଲେ। ସେ ଗତ ମେ ୧୫ ତାରିଖ ସକାଳେ ମାଲିକଙ୍କ ଠାରୁ ୧୩୦ ଗ୍ରାମ ପ୍ରାୟ ୬ ଲକ୍ଷ ଟଙ୍କାର ସୁନା ମରାମତି ପାଇଁ ନେଇଥିଲେ। ସନ୍ଧ୍ୟା ସୁଦ୍ଧା ଉକ୍ତ ସୁନାକୁ ଦୋକାନ ମାଲିକଙ୍କୁ ଫେରାଇନଥିଲେ। ଅନ୍ୟପଟେ ମାଲିକ ବହୁ ଖୋଜାଖୋଜି ପରେ ମଧ୍ୟ ରୁପମଙ୍କ ଖୋଜ୍ ଖବର ପାଇନଥିଲେ। ଏନେଇ ସେ ବଡବଜାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୪୩/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା।

# ହରିଣ ଶାବକ ଉଦ୍ଧାର

ଦିଗପହଣ୍ଡି,୧୬।୬(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ଶନି ମନ୍ଦିର ନିକଟରୁ ଗୁରୁବାର ଏକ ହରିଣ ଶାବକ ଉଦ୍ଧାର କରାଯାଇଛି। ମା'ଠାରୁ ଅଲଗା ହୋଇ ଖସି ଆସିଥିବା ୨ ମାସର ହରିଣ ଛୁଆଟି ଏଣେତେଣେ ବୁଲୁଥିବା ବେଳେ ଗ୍ରାମବାସୀଙ୍କ ନଜରରେ ପଡିଥିଲା। ସୁରକ୍ଷିତ ଭାବେ ଏହାକୁ ଉଦ୍ଧାର କରାଯିବା ପରେ ବନାଞ୍ଚଳ ଅଧିକାରୀ କାହ୍ନୁ ଚରଣ ପଟ୍ଟନାୟକଙ୍କୁ ସୂଚନା ଦିଆଯାଇଥିଲା। ବନ କର୍ମଚାରୀମାନେ ପହଞ୍ଚିବା ପରେ ଗ୍ରାମବାସୀ ହରିଣ ଛୁଆଟିକୁ ହସ୍ତାନ୍ତର କରିଥିଲେ। ପରେ ତାକୁ ପାଟପୁର ନିକଟ ରତନେଇ ସଂରକ୍ଷିତ ଉତ୍ତମା ଜଙ୍ଗଲରେ ଛାଡି ଦିଆଯାଇଥିବା ବନପାଳ ସୋମନାଥ ମଲ୍ଲିକ କହିଛନ୍ତି।

# ଚାକିରି ନାଁରେ ଟଙ୍କା ଠକେଇ ମାମଲା

- କବିସୂର୍ଯ୍ୟନଗରରୁ ପ୍ରଦୀପ ଗିରଫ
- ୪ଟି ବ୍ୟାଙ୍କ ଆକାଉଣ୍ଟ ସିଜ୍ ପାଇଁ ଚିଠି

ବ୍ରହ୍ମପୁର ଅଫିସ, ୧୬।୬

ବ୍ରହ୍ମପୁର ବଡବଜାର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ କବିସୂର୍ଯ୍ୟନଗର ଅଞ୍ଚଳରୁ ଗିରଫ କରିଛି। ସେ ବିଭିନ୍ନ ଲୋକଙ୍କୁ ଚାକିରି ଦେବା ନାଁରେ ପ୍ରାୟ ୨୦ ଲକ୍ଷ ଟଙ୍କା ଠକି ନେଇଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ଅଭିଯୁକ୍ତ ଜଣଙ୍କ ପ୍ରଦୀପ କୁମାର ଗୌଡ଼(୪୦)। ପୋଲିସ ତାଙ୍କ ନିକଟରୁ ଘଟଣାରେ ବ୍ୟବହୃତ ୩ଟି ମୋବାଇଲ ସହ ବିଭିନ୍ନ ବ୍ୟାଙ୍କର ଏଟିଏମ୍ କାର୍ଡ, ଚେକ୍ ବୁକ୍, ପାସ୍ ବୁକ୍ ଇତ୍ୟାଦି ଜବତ କରିଛି। ଷ୍ଟେଟ ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ଇଣ୍ଡିଆନ ବ୍ୟାଙ୍କ ଓ ଆନ୍ଧ୍ର ବ୍ୟାଙ୍କରେ ଅଭିଯୁକ୍ତଙ୍କ ନାମରେ ଥିବା ଆକାଉଣ୍ଟଗୁଡିକ ସିଜ୍ କରିବା ପାଇଁ ଚିଠି କରାଯାଇଛି ବୋଲି ଥାନାଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି। ପ୍ରଦୀପଙ୍କ ନାମରେ ବୈଦ୍ୟନାଥପୁର ଥାନାରେ ୧୯୪/୨୨ରେ ଏକ ଠକେଇ ମାମଲା ରହିଥିବା ବେଳେ ତାଙ୍କ ନାମରେ ଏସ୍‌ଡ଼ିଜେଏମ୍‌ଙ୍କ କୋର୍ଟରେ ୱାନସିସି ୧୬୬/୨୨ ରେ ଏକ ଚେକ୍ ବାଉନ୍ସ ମାମଲାରେ ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ରହିଛି ବୋଲି ସେ କହିଛନ୍ତି। ମାମଲା ନମ୍ବର ୧୪୯/୨୨ରେ ଗୁରୁବାର ପ୍ରଦୀପଙ୍କୁ କୋର୍ଟ ଚାଲାଣ କରାଯାଇଛି। କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ପ୍ରଦୀପଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



ଗିରଫ ଅଭିଯୁକ୍ତ।

ପ୍ରକାଶ ଯେ, ୨୦୧୯ରେ ପ୍ରଦୀପ ବଡବଜାର ଥାନା ଅନ୍ତର୍ଗତ ସୋମନାଥ ନଗରରେ ଏକ ସଂସ୍ଥା ଖୋଲିଥିଲେ। ସେ ଆଶାୟୀଙ୍କୁ ସରକାରଙ୍କ ବିଭିନ୍ନ ବିଭାଗରେ ନିଯୁକ୍ତି ଦେଇପାରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସୋମନାଥ ଅଞ୍ଚଳରେ ରହୁଥିବା କେ. ରାଜେଶ୍ୱର ପାତ୍ରଙ୍କ ସ୍ତ୍ରୀ କେ. ସୁପ୍ରଭା ପାତ୍ରଙ୍କୁ ଯୋଗାଣ ବିଭାଗରେ ସହକାରୀ ଯୋଗାଣ ଅଧିକାରୀ(ଏସିଏସ୍‌ଓ)ଭାବେ ଚାକିରି କରାଇ ଦେବି ବୋଲି ପ୍ରତିଶ୍ରୁତି ଦେଇଥିଲେ। ମହିଳା ଜଣଙ୍କ ତାଙ୍କ କଥାରେ ବିଶ୍ୱାସ କରି ଥରେ ନଗଦ ୧ଲକ୍ଷ ଟଙ୍କା ପ୍ରଦୀପଙ୍କୁ ଦେଇଥିବା ବେଳେ ଅନ୍ୟ ଦୁଇଟି ପର୍ଯ୍ୟାୟରେ ୫ଲକ୍ଷ ୪୦ ହଜାର ବ୍ୟାଙ୍କ ମାଧ୍ୟମରେ ପ୍ରଦୀପଙ୍କ ଆକାଉଣ୍ଟକୁ ପଠାଇଥିଲେ। ଏସିଏସ୍‌ଓ ଚାକିରି ପାଇଁ ପ୍ରଦୀପ ଦେଇଥିବା ସମୟ ସୀମା ଅତିକ୍ରମ ହୋଇଯିବା ପରେ ମଧ୍ୟ ଆବେଦନକାରୀ ମହିଳା ସୁପ୍ରଭାଙ୍କୁ ନିଯୁକ୍ତି ମିଳିଲା ନାହିଁ। ସେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ପରେ ସେ ଓ ତାଙ୍କ ସ୍ୱାମୀ ପ୍ରଦୀପଙ୍କୁ ଦେଇଥିବା ୬. ୪୦ ଲକ୍ଷ ଟଙ୍କା ଫେରାଇବାକୁ କହିଥିଲେ। ଟଙ୍କା ମାଗିଲେ ତୁମ ସମସ୍ତଙ୍କୁ ଜୀବନରେ ମାରିଦେବି ବୋଲ ସୁପ୍ରଭା ଓ ତାଙ୍କ ସ୍ୱାମୀଙ୍କୁ ପ୍ରଦୀପ ଧମକ ଦେଇଥିଲା।

# ବ୍ରହ୍ମପୁରକୁ ପ୍ଲାଷ୍ଟିକ ମୁକ୍ତ ପାଇଁ ରିଭର୍ସ ଭେଣ୍ଡିଂ ମେଶିନ ଉଦ୍‌ଘାଟିତ



ଅତିଥିଙ୍କ ଦ୍ୱାରା ଉଦ୍‌ଘାଟିତ ମେଶିନ।

ବ୍ରହ୍ମପୁର ଅଫିସ,୧୬।୬

ବ୍ରହ୍ମପୁରକୁ ପ୍ଲାଷ୍ଟିକ ମୁକ୍ତ ସହରରେ ପରିଣତ କରିବା ପାଇଁ ପୁରୁଣାବସ୍‌ଷ୍ଟାଣ୍ଡ ଠାରେ ରିଭର୍ସ ଭେଣ୍ଡିଂ ମେଶିନ ସ୍ଥାପନ କରାଯାଇଛି। ଯାହାକି ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ବ୍ରହ୍ମପୁର ମହାନଗର କମିଶନର (ବିଏମସି) ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତି ୱାସନ, ଏଚଡିଏଫସି ବ୍ୟାଙ୍କର ନୃସିଂହ ମିଶ୍ର, ଅନ୍ୟତମ ଅତିଥି ଏନ୍‌ଫୋର୍ସମେଣ୍ଟ ଅଧିକାରୀ ତରୁଣକାନ୍ତ ଯୋଗ ଦେଇଥିଲେ। ଏହି ମେଶିନରେ ପ୍ଲାଷ୍ଟିକ, ପଲିଥିନ ପକାଇଲେ ଏଥିରେ ଏକ ରସିଦ ମିଳିବ। ଏହି ରସିଦକୁ ଧାର୍ଯ୍ୟ କରାଯାଇଥିବା ଏକ ହୋଟେଲ, ଅନ୍‌ଲାଇନ ଖାଦ୍ୟ କମ୍ପାନୀ ଖାଦ୍ୟ ଅଗ୍ରିମ କଲେ ରିହାତି ମିଳିବ। ଏହି ମେଶିନ ସ୍ଥାପନ ପାଇଁ ବିଏମ୍‌ସି ପକ୍ଷରୁ ଜାଗା ପ୍ରଦାନ କରାଯାଇଥିବା ବେଳେ ଏଚ୍‌ଡିଏଫସି ବ୍ୟାଙ୍କ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହାକୁ ପରିବେଶ ଶିକ୍ଷା କେନ୍ଦ୍ର ପରିଚାଳନା (ସିଇଇ) କରିବ ବୋଲି ଜଣାପଡିଛି। ଅନ୍ୟମାନଙ୍କ ମଧ୍ୟରେ ସିଇଇର ବରିଷ୍ଠ ନିର୍ଦ୍ଦେଶକ ପ୍ରଭୋତ ସିଂ ସୋଧି ମେଶିନ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ସଫେଇ ମିତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ବିଳାସପୁରରୁ ଆସିଥିବା ଛାତ୍ରୀଛାତ୍ରମାନେ ପରିବେଶ ସୁରକ୍ଷା ସଂପର୍କିତ ନାଟକ ପରିବେଶଣ କରାଯାଇଥିଲା।

# ଗୋଷାଣୀନୂଆଗାଁ ମୁଖ୍ୟ ରାସ୍ତା ମରାମତି ଦାବି

### ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦାବିପତ୍ର

ବ୍ରହ୍ମପୁର ଅଫିସ,୧୬।୬

ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ୨୭ ନଂ ୱାର୍ଡ ଗୋଷାଣୀନୂଆଗାଁ ମୁଖ୍ୟ ରାସ୍ତା ମରାମତି ଦାବିରେ ଗୁରୁବାର ପୂର୍ତ୍ତ ବିଭାଗ-୨ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଉକ୍ତ ୱାର୍ଡର କର୍ପୋରେଟର ଓ ଗୋଷାଣୀନୂଆଗାଁ ବାସିନ୍ଦାଙ୍କ ଅଭିଯୋଗ ମୁତାବକ ଉକ୍ତ ଅଞ୍ଚଳର ମୁଖ୍ୟ ରାସ୍ତା ଶୋଚନୀୟ ହୋଇପଡିଛି। ଫଳରେ ଯାତାୟାତ ସମୟରେ ସାଧାରଣ ଜନତା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିସହ ଆସନ୍ତା ରଥଯାତ୍ରା ପାଇଁ ସହରରେ ଗୋଷାଣୀନୂଆଗାଁ ରଥଯାତ୍ରାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଯେଉଁଠାରେ ବହୁ ଭକ୍ତଙ୍କ ସମାଗମ ହୋଇଥାଏ। କିନ୍ତୁ ମୁଖ୍ୟ ରାସ୍ତା ଶୋଚନୀୟ ଯୋଗୁ ରଥଟଣା ବାଧାପ୍ରାପ୍ତ ସହ ଭକ୍ତଙ୍କ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଣୁ ଯଥାଶୀଘ୍ର ରାସ୍ତା ମରାମତି ପାଇଁ ଦାବି ହୋଇଥିଲା। ଏ ନେଇ ଯନ୍ତ୍ରୀ ରାସ୍ତା ମରାମତି ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପ୍ରତିଶ୍ରୁତି ମୁତାବକ ଦାବି ପୂରଣ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ୨୭ ନଂ. ୱାର୍ଡ କର୍ପୋରେଟର ନୀଳକଣ୍ଠ ସାହୁ, ୨୬ ନଂ. ୱାର୍ଡ କର୍ପୋରେଟର ଧୀରେଶ ସାବତଙ୍କ ସମେତ ପ୍ରହଲ୍ଲାଦ ପାଣିଗ୍ରାହୀ, ରାମ ପାତ୍ର, ଅନିଲ ସାହୁ, କିଷାନ ପଣ୍ଡା, ଅଭୟ ଶତପଥୀ, ଅଜୟ ନାୟକ, ବିନୋଦ ସାବତ, ଲାଲା ସେଠୀ, ବାଳକୃଷ୍ଣ ସାମନ୍ତରା, ବିନୋଦ ସିଂ, ରବି ସାବତ, ରବୀନ୍ଦ୍ର ସାହୁ, ପ୍ରଫୁଲ୍ଲ ସାହୁ ଓ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।



ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା।

Dhauli Development Committee

DHAULI DEVELOPMENT COMMITTEE

No. 21/DDC Bhubaneswar, Dated the 13.06.2022

Expression of Interest

Expression of Interest (EoI) are invited from reputed manpower supply agencies/service providers for providing services of Tollgate - Ticket Assistant & Ticket Helper at Entry Fee Collection Point/Check gate at new parking place at Parabodhi Pond, Dhauli operated by DDC for a period of one year on contract basis.

The detailed information for outsourcing of the above manpower services is mentioned in the tender document which can be available from the Office of Tourist Officer, BBSR-cum-Secy., DDC on payment of Rs.500/- in Cash (Non-refundable) during working hours between 11.30 A.M. to 4.30 P.M. on all official days w.e.f. 18.06.2022.

The tender document must reach to the office of the undersigned on or before 27.06.2022 by 3.00 P.M. through Registered Post/ Speed Post only. The tender documents will be opened on 29.06.2022 at 4.00 P.M. in the Conference Hall of BDO, BBSR. The bidders or their authorized representatives may remian present at the time of opening. The undersigned reserves the right to accept or reject any or all the tender without assigning any reason thereof.

Sd./- Tourist Officer, Bhubaneswar & Secretary, Dhauli Development Committee

# ଜିଲାପାଳଙ୍କ ଅଫିସ ଆଗରେ ଧାରଣା


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି।

## ଅଗ୍ନିପଥକୁ ବିରୋଧ

ଛତ୍ରପୁର,୧୬।୬(ଡି.ଏନ.ଏ.)

ସୈନ୍ୟ ବାହିନୀରେ ଅଗ୍ନିପଥ ଯୋଜନାରେ ନିଯୁକ୍ତି ଦେବାକୁ ନିଷ୍ପତ୍ତି ହୋଇଛି । ଏହାକୁ ଆଶାୟୀମାନେ ବିରୋଧ କରିବା ସହ ପୂର୍ବରୁ ସ୍ଥଗିତ ସେନାରେ ନିଯୁକ୍ତି ପରୀକ୍ଷା ପାଇଁ ତାରିଖ ଧାର୍ଯ୍ୟ କରିବା ଦାବିରେ ଗୁରୁବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା । ପରେ ଏନେଇ ଗଞ୍ଜାମ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏମାନଙ୍କ କହିବାନୁଯାୟୀ, ୨୦୨୧ ମାର୍ଚ୍ଚ ୨୫ ରୁ ଏପ୍ରିଲ ୬ ପର୍ଯ୍ୟନ୍ତ ଏଆରଓ ଗୋପାଳପୁର ପକ୍ଷରୁ ଆର୍ମି ରାଲି ହୋଇଥିଲା ।

ଶାରୀରିକ ଓ ମେଡିକାଲ ପରୀକ୍ଷା କୃତକାର୍ଯ୍ୟଙ୍କୁ ମେ ୩୧ରେ ପରୀକ୍ଷା ଦେବାକୁ କୁହାଯାଇଥିଲା । ପରେ ଏହାକୁ ଏପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି । ଏହି ପରୀକ୍ଷା ପାଇଁ ଦିନ ଧାର୍ଯ୍ୟ କରିବାକୁ କୃତକାର୍ଯ୍ୟ ପିଲାମାନଙ୍କ ପକ୍ଷରୁ ଦାବି ହୋଇଛି।ଏଥିସହ ସେନାରେ ନିଯୁକ୍ତି ପାଇଁ ଆରମ୍ଭ ହୋଇଥିବା ଅଗ୍ନିପଥ ଯୋଜନାକୁ ବନ୍ଦ କରିବାକୁ ଦାବି କରାଯାଇଥିଲା ।

## ସଂକ୍ଷେପରେ

### ଉପେନ୍ଦ୍ର ଭଞ୍ଜ ଜୟନ୍ତୀ ପାଳିତ

ବାଲିଗୁଡା,୧୬।୬(ଡି.ଏନ.ଏ.): କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ ଶାଳବଣ ସାହିତ୍ୟ ସଂସଦର ଆୟୋଜନରେ ସ୍ଥାନୀୟ ବନବାସୀ ସେବା ସମିତି ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ମଧୁସୁଦନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବନବାସୀ ସେବା ସମିତିର ସମ୍ପାଦକ ଉତ୍ସବ ଚନ୍ଦ୍ର ଜେନା, ମୁଖ୍ୟବକ୍ତା ଭାବେ ପ୍ରଦୀପ ପଟ୍ଟନାୟକ ଯୋଗଦେଇ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟର ଅବଦାନ ଉପରେ ଆଲୋଚନା କରିଥିଲେ । ରବୀନ୍ଦ୍ର କୁମାର ପଣ୍ଡା, ବରିଷ୍ଠ ଆଇନଜୀବୀ କୌଶିକ ସାହୁ, ସଂସଦର ସମ୍ପାଦକ ରବୀନ୍ଦ୍ର ନାଥ ରଥ, କୁରେଇର ମୁଖ୍ୟ ସଂପାଦକ ଡ. ବିଭୂତି ଭୂଷଣ ଆଚାର୍ଯ୍ୟ, ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରତ୍ୟୁଷ ରଂଜନ ଶତପଥୀ,ଡ ବିଶେଶ୍ୱର ଆଚାର୍ଯ୍ୟ, କୈଳାଶ ଚନ୍ଦ୍ର ବେହେରା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଭଞ୍ଜ ସଙ୍ଗୀତ ଓ ସାହିତ୍ୟ ଆଲୋଚନାର ଏକ ନିଆରା ଯୁଗଳବନ୍ଦୀ ରଜ ଅବସରରେ ବେଶ ଉପଭୋଗ୍ୟ ହୋଇଥିଲା ।

### ବଜରଙ୍ଗ ଦଳ ପକ୍ଷରୁ ସ୍ମାରକପତ୍ର

#### ଜେହାଦୀ ଗତିବିଧି ଉପରେ ରୋକ ଦାବି

ଛତ୍ରପୁର,୧୬।୬(ଡି.ଏନ.ଏ.): ଦେଶରେ ଜେହାଦୀ ଗତିବିଧି ଉପରେ ରୋକ ଲଗାଇବା ସହ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଗଞ୍ଜାମ ଜିଲା ବଜରଙ୍ଗ ଦଳ ପକ୍ଷରୁ ଦାବି କରାଯାଇଛି। ଗୁରୁବାର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ପୁରୀ ଜଗନ୍ନାଥ ମନ୍ଦିର ଉପରେ ଏଆଇଏମ୍ଆଇଏମ୍ ନେତା ଅସଓ୍ୱଦିନ ଓବେସି ଦେଇଥିବା ବିଭ୍ରାନ୍ତିକାରୀ ଟିପ୍ପଣୀକୁ ନିନ୍ଦା କରାଯାଇଥିଲା । ମସ୍‌ଜିଦ ବାହାରେ ରୁଣ୍ଡ ହୋଇ ଦଙ୍ଗା କରିଥିବା ଦଙ୍ଗାକାରୀଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଉଗ୍ର ଭାଷଣ ଦେଉଥିବା ନେତାଙ୍କୁ ତୁରନ୍ତ ଗିରଫ, ଆତଙ୍କୀ ସଙ୍ଗଠନ ଉପରେ ପ୍ରତିବନ୍ଧକ ଲଗାଇବା ଦାବି ହୋଇଛି। ପୂର୍ବରୁ ଅସଓ୍ୱଦିନ ଓବେସିଙ୍କ ନାଁରେ ଛତ୍ରପୁର ଥାନାରେ ବଜରଙ୍ଗ ଦଳ ପକ୍ଷରୁ ଏତଲା ଦିଆଯାଇଥିବା କୁହାଯାଇଥିଲା।

### ୧୦ କୁଇଣ୍ଟାଲ ଗଞ୍ଜେଇ ଜବତ



ଆର.ଉଦୟଗିରି,୧୬।୬(ଡି.ଏନ.ଏ.): ଗଜପତି ଏସ୍‌ପି ଜୟରାମ ଶତପଥୀଙ୍କ ନିର୍ଦ୍ଦେଶକ୍ରମେ ଅଡବା ଥାନା ଅଧିକାରୀ ଓ ତାଙ୍କ ଟିମ୍ ରାତିରେ ପାଟ୍ରୋଲିଂ କରୁଥିବା ବେଳେ ଗଞ୍ଜେଇ ଜବତ କରିଛନ୍ତି। ପାଟ୍ରୋଲିଂ ଟିମ୍ ଝରଣପୁର ଛକ ନିକଟରେ ଏକ ଗାଡ଼ି (ନଂ.ଓଡ଼ି୦୭ପି୩୪୫୧)କୁ ଅଟକାଇ ଥିଲେ। ପୋଲିସକୁ ଦେଖି ଚାଳକ ଚମ୍ପଟ ମାରିଥିଲେ। ଉକ୍ତ ୪୦୭ ଗାଡ଼ିଟିକୁ ଯାଞ୍ଚ କରିବାରେ ସେଥିରୁ କେତେକ ଅଖାରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଉକ୍ତ ଗଞ୍ଜେଇକୁ ତହସିଲଦାର କିଶୋର ଚନ୍ଦ୍ର ଦାଶଙ୍କ ଉପସ୍ଥିତିରେ ଓଜନ କରିବାରୁ ତାହା ୧୦ କୁଇଣ୍ଟାଲ ଜଣାପଡ଼ିଥିଲା। ଯାହାର ବଜାର ମୂଲ୍ୟ ଏକ କୋଟି ଟଙ୍କା ହେବ ବୋଲି ଥାନା ଅଧିକାରୀ ପାତ୍ର ସୂଚନା ଦେଇଛନ୍ତି।

# ବର୍ଷାରେ ଉବୁଟୁବୁ ଜି.ଉଦୟଗିରି ସହର

ଜି.ଉଦୟଗିରି,୧୬।୬ (ଡି.ଏନ.ଏ.)

## ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ଘରେ ପଶିଲା ପାଣି

ଜି.ଉଦୟଗିରିରେ ଗୁରୁବାର ମଧ୍ୟାହ୍ନରେ ପ୍ରାୟ ଦୁଇ ଘଣ୍ଟା ପ୍ରବଳ ବର୍ଷା ହୋଇଥିଲା। ଫଳରେ ତଳି ଅଞ୍ଚଳ, ଡ୍ରେନେଜ ବ୍ୟବସ୍ଥା ନଥିବା ଅଞ୍ଚଳରେ ବର୍ଷା ପାଣିରେ ଉବୁଟୁବୁ ହୋଇଥିଲା। ଡ୍ରେନେଜ ବ୍ୟବସ୍ଥା ନଥିବା ଇଲେକ୍ଟ୍ରି ଅଫିସ ଛକରେ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମି ରହିଥିଲା। ବହୁ ଘରେ ପାଣି ପସିବା ଫଳରେ ଲୋକେ ନାହିଁ ନଥିବା ହଇରାଣ ହୋଇଛନ୍ତି। ଦୀର୍ଘ ବର୍ଷ ହେଲା ଏହିଭଳି ସମସ୍ୟା ରହୁଥିଲେ ମଧ୍ୟ ଏନଏସି କାହିଁକି ଡ୍ରେନେଜ ବ୍ୟବସ୍ଥା କରୁନି ତାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡଙ୍ଗୀ ସମସ୍ୟା ବୁଲି ଦେଖିବା ସହିତ ଯଥାସମ୍ଭବ ସାହାଯ୍ୟ କରିବା ସହିତ ଆଗକୁ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଦୁଇ ଘଣ୍ଟାରେ ୧୮ ମିଲିମିଟର ବର୍ଷା ହୋଇଥିବା ଓ ଇଲେକ୍ଟ୍ରି ଛକ ଅଞ୍ଚଳରେ ଡ୍ରେନେଜ ବ୍ୟବସ୍ଥା ଠିକ ନଥିବା ଯୋଗୁ ଏପରି ଅବସ୍ଥା ହୋଇଥିବା ଭାଜପା ନେତା ଉଦେଶନ ପ୍ରଧାନ କହିଛନ୍ତି।


ବର୍ଷା ପାଣିରେ ଉବୁଟୁବୁ ଅଞ୍ଚଳ।

# ଆଶାକର୍ମୀଙ୍କ ଗୃହ ନିର୍ମାଣ ଲାଗି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ


ଦାବିପତ୍ର ପ୍ରଦାନ କରୁଛନ୍ତି ଆଶାକର୍ମୀ।

ବୁଗୁଡା,୧୬।୬ (ଡି.ଏନ.ଏ.)

ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାର୍ଯ୍ୟରତ ଆଶାକର୍ମୀମାନଙ୍କ ପାଇଁ ଏକ ଗୃହ ନିର୍ମାଣ ନିମନ୍ତେ ଶ୍ରମ, ନିଯୁକ୍ତି ଓ ରାଜ୍ୟ କର୍ମଚାରୀ ବୀମା ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ନିକଟରେ ସେମାନେ ନିବେଦନ କରିଛନ୍ତି। ଏହା ଅଧୀନରେ ୧୩୦ ଆଶାକର୍ମୀ ନିଃସ୍ୱାର୍ଥପର ଭାବେ ସ୍ୱଳ୍ପ ପାରିଶ୍ରମିକରେ ବର୍ଷ ବର୍ଷ ଧରି ମା'ଙ୍କର ସେବା କରିଆସୁଛନ୍ତି। ହେଲେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଶାକର୍ମୀମାନଙ୍କ ପାଇଁ କୌଣସି ବିଶ୍ରାମ ଗୃହ ନ ଥିବାରୁ ସେମାନେ ଖରା, ବର୍ଷା, ଶୀତର ପ୍ରକୋପ ସହ୍ୟ କରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱତନ୍ତ୍ର ବିଶ୍ରାମ ଗୃହ ଥିବାବେଳେ ବୁଗୁଡ଼ାରେ ସେଭଳି ବ୍ୟବସ୍ଥା ନ ଥିବାରୁ ସେମାନେ ଆବଶ୍ୟକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ତେଣୁ ବୁଗୁଡ଼ା ବ୍ଲକ ଆଶାକର୍ମୀ ସଂଘ ସଭାପତି ସନ୍ତୋଷିନୀ ପଟ୍ଟନାୟକ ଓ ସମ୍ପାଦିକା ରଶ୍ମିତା ପଣ୍ଡାଙ୍କ ସମେତ ସମସ୍ତ ଆଶାକର୍ମୀଙ୍କ ଲାଗି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ସ୍ୱତନ୍ତ୍ର ଗୃହ ନିର୍ମାଣର ବ୍ୟବସ୍ଥା କରିବା ପାଇଁ ଲିଖିତ ଦରଖାସ୍ତ ମାଧ୍ୟମରେ ଶ୍ରମ ମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

# ମହାମାୟୀ ମନ୍ଦିର ହୁଣ୍ଡିରୁ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସଂଗ୍ରହ

କବିସୂର୍ଯ୍ୟନଗର,୧୬।୬(ଡି.ଏନ.ଏ.)

କବିସୂର୍ଯ୍ୟନଗରର ମା' ମହାମାୟୀଙ୍କ ଯାତ୍ରା ଅତି ଶାନ୍ତିପୂର୍ଣ୍ଣ ଭାବେ ମାଙ୍କ କୃପାରୁ ମେ ୧୩ରୁ ଜୁନ ୬ତାରିଖ ମଧ୍ୟରେ ଶେଷ ହୋଇଯାଇଛି। ପ୍ରତି ସାହିରେ ଆକର୍ଷଣୀୟ ମେଢ଼ ସାଙ୍ଗକୁ ରାମଦୋଳି, ଅପେରା ଆଦି ଲୋକଙ୍କୁ ବେଶ ଆମୋଦିତ କରିଥିଲା। ଦେଶୀ ବେହେରା ସାହିରେ ଅବସ୍ଥିତ ଅସ୍ଥାୟୀ ଗୃହରେ ମା'ଙ୍କ ହୁଣ୍ଡିରେ ଦାନ ସ୍ୱରୂପ ଅନେକ ବେଶଧାରୀ, ମାନସିକଧାରୀ, ଶ୍ରଦ୍ଧାଳୁ ଅର୍ଥ ଦାନ କରିଥିଲେ। ମହାମାୟୀ ମନ୍ଦିର ଟ୍ରଷ୍ଟ ସଭାପତି ବିଜୟ କହଁର ଓ ସମ୍ପାଦକ ଜି. ଶମ୍ଭୁଲିଙ୍ଗମ ଆଚାରୀଙ୍କ ତତ୍ତ୍ୱାବଧାନରେ କମିଟି ସଦସ୍ୟ କୃପାସିନ୍ଧୁ ସ୍ୱାଇଁ, ଟିଂ. ଶଶୀଶେଖର ପାତ୍ର, ରବୀନ୍ଦ୍ର କୁମାର ପରିଡା, ଡ଼ି. ଭାସ୍କର ପାତ୍ର, ହର ନାୟକ, ବାଳରାଜୁ ପାତ୍ର ଇନ୍ଦ୍ରମଣି ଜେନା, ସୁବାସ ନାୟକ, ରଞ୍ଜନ କୁମାର ସାହୁ, ପୃଥ୍ୱୀରାଜ ବିଷୋୟୀ ପ୍ରମୁଖ ଦାନ ହୁଣ୍ଡି ଗଣତି କରିଥିଲେ। ମୋଟ ୩ଲକ୍ଷ ୪୭ହଜାର ମନ୍ଦିର ଦାନ ହୁଣ୍ଡିରୁ ସଂଗ୍ରହ ହୋଇଛି। ମୋଟ ଚାରୋଟି ହାଣ୍ଡିରୁ ନୋଟ ତିନି ଲକ୍ଷ ୧୯ହଜାର ଓ କଏନ ପ୍ରାୟ ୨୮ହଜାର ସଂଗ୍ରହ ହୋଇଛି। ରୁପା ପାଉଁଚି, ଗୋଡ଼ ମୁଦି ୩ଟି, ସୁନା କାନର, ରୁପା ଆଖି ପାଞ୍ଚ ହଳ, ରୁପା ଚେନ, ଛୋଟ ସୁନା ଖଣ୍ଡ ଆଦି ଦାନ ହୁଣ୍ଡିରୁ ସଂଗୃହିତ ହୋଇଛି।


ହୁଣ୍ଡିରୁ ଆଦାୟ ଟଙ୍କା ଗଣାଯାଉଛି।

# ଭାଲୁ କାମୁଡ଼ାରେ ବୃଦ୍ଧ ଗୁରୁତର

ପାପଡାହାଣ୍ଡି/ ମଇଦଲପୁର, ୧୬।୬ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମଇଦଲପୁର ଗୋପୀଗୁଡା ଗ୍ରାମର ଲୋଛ ଭତରା ଗୁରୁବାର ଭାଲୁ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନାନୁଯାୟୀ, ଲୋଛ ଛୋଟାଗୁଡା ନିକଟସ୍ଥ ଏକ ଜଙ୍ଗଲରେ ଗାଈ ଚରାଇବାକୁ ଯାଇଥିଲେ। ହଠାତ୍ ପଛପଟୁ ଏକ ଭାଲୁ ଆସି ତାଙ୍କୁ ଆକ୍ରମଣ କରିଥିଲା। ଏହା ଫଳରେ ତାଙ୍କର ପିଠି ଓ ହାତରେ ଗଭୀର ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ଗାଁ ଲୋକେ ଲୋଛଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପାପଡାହାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ମଇଦଲପୁର ବନ ବିଭାଗ ଅଧିକାରୀ ଉମାକାନ୍ତ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଛନ୍ତି।

# କବିତା ପାଠୋତ୍ସବ, ପିଠା ପ୍ରତିଯୋଗିତା


ପ୍ରତିଯୋଗିତାରେ ଉପସ୍ଥିତ ଲେଖିକାମାନେ।

ଭଞ୍ଜନଗର,୧୬।୬ (ଡି.ଏନ୍.ଏ.)

ଘୁମୁସର ଲେଖିକା ସଂସଦ ପକ୍ଷରୁ ଗୁରୁବାର କବିତା ପାଠୋତ୍ସବ ଓ ପିଠା ପ୍ରତିଯୋଗିତା ହୋଇଯାଇଛି। କାର୍ଯ୍ୟକ୍ରମକୁ ଜିଲାପରିଷଦ ସଭ୍ୟା ଶୈଳବାଳା ବିଶୋଇ ଉଦଘାଟନ କରିଥିଲେ। ସାମାଜିକ କର୍ମୀ ଶୂଳପାଣି ଶତପଥୀ ବିଚାରକ ଭାବେ ଯୋଗ ଦେଇଥିଲେ। ଆୟୋଜିତ ସଭାକୁ ଅଧ୍ୟାପିକା ନଳିନୀପ୍ରଭା ଦାସ ସଂଯୋଜନା କରିଥିଲେ।

ଶିକ୍ଷୟିତ୍ରୀ ଦୀପ୍ତାଂଶୁପ୍ରଭା ଦେବୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ନାଗେଶ୍ୱରୀ ରାଓ ସଭାରେ ଅଧ୍ୟକ୍ଷତା କରିଥିଲେ। ସଭ୍ୟା ସଂଗୀତା ପଣ୍ଡା, ବିଷ୍ଣୁପ୍ରିୟା ସୁବୁଦ୍ଧି, ମାହେଶ୍ୱରୀ ଦୋରା, ମନୁବାଳା ଦାସ, ଡ. ଗାୟତ୍ରୀ ସାହୁ, ରଶ୍ମିତା ସାହୁ, ଦୀପାଶ୍ରୀ ସାମନ୍ତ ପ୍ରମୁଖ ଆଲୋଚନାରେ ଭାଗ ନେଇ ନିଜ ମତ ରଖିଥିଲେ। ଅଧ୍ୟାପିକା ସୁଜାତା ସିଂ ଧନ୍ୟବାଦ ପ୍ରଦାନ କରିଥିଲେ।

# ସିଟି କଲେଜରେ ରକ୍ତଦାନ ଶିବିର

## ୩୩ ୟୁନିଟ୍ ସଂଗ୍ରହ

ବ୍ରହ୍ମପୁର ଅଫିସ,୧୬।୬: ବ୍ରହ୍ମପୁର ସହର ଉପକଣ୍ଠସ୍ଥ ଆମ୍ବପୁଆସ୍ଥିତ ବ୍ରହ୍ମପୁର ସିଟି କଲେଜରେ ଗୁରୁବାର ତୃତୀୟ(ଓଡିଶା) ମେଡିକାଲ୍ ଏନ୍.ସି.ସ ଓ ସିଟି କଲେଜ ଏନ୍.ସି.ସି ଆର୍ମି ୱିଙ୍ଗ ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ଼. ଅନୀତା ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଡେପୁଟି ମେୟର ଇ. ବିବେକ ରେଢ୍ଡୀ ଉପସ୍ଥି ଥିଲେ। ସମ୍ମାନିତ ଅତିଥି ଭାବେ ତୃତୀୟ (ଓଡ଼ିଶା) ମେଡିକାଲ ଏନ୍.ସି.ସି କମାଣ୍ଡିଙ୍ଗ ଅଫିସର ମେଜର ଡ଼. ସୌରଭ ତିୱାରୀ ସମ୍ମାନୀତ ଯୋଗଦେଇ ଏନ୍.ସି.ସି କ୍ୟାଡେଟ୍ ତଥା ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୩୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

# ପରିସଂଖ୍ୟାନ କାର୍ଯ୍ୟାଳୟ କର୍ମଚାରୀଙ୍କୁ ଦରମା ଓ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନ୍‌ସନ ଦାବି

ବ୍ରହ୍ମପୁର ଅଫିସ,୧୬।୬

ବ୍ରହ୍ମପୁର ସହରରେ ରହିଥିବା ଗଞ୍ଜାମ ଜିଲା ପରିସଂଖ୍ୟାନ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଙ୍କୁ ଦରମା ଓ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ ପ୍ରଦାନ ପାଇଁ ଓଡ଼ିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ଦାବି କରିଛି। ମଞ୍ଚ ପକ୍ଷରୁ କୁହାଯାଇଛି, ଦୀର୍ଘ ବର୍ଷ ଧରି କାର୍ଯ୍ୟାଳୟର କର୍ମଚାରୀମାନେ ଦରମା ପାଇ ନ ଥିବା ବେଳେ ଅବସରପ୍ରାପ୍ତ କର୍ମଚାରୀମାନେ ମଧ୍ୟ ପେନ୍‌ସନ ପାଇନାହାନ୍ତି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ମଞ୍ଚ ଅଭିଯୋଗ କରିଛି। ଦରମା ଓ ପେନସନ ନ ମିଳିବାରୁ କର୍ମଚାରୀମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯାହାକୁ ନେଇ କର୍ମଚାରୀ ଓ ଅବସରପ୍ରାପ୍ତ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏଣୁ ଏ ଦିଗରେ ଜିଲା ପ୍ରଶାସନ ହସ୍ତକ୍ଷେପ କରିବା ପାଇଁ ସଂଘର ଜିଲା ସମ୍ପାଦକ ରାଜେନ୍ଦ୍ର କୁମାର ପଣ୍ଡା ଓ କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ସାହୁ ଦାବି କରିଛନ୍ତି।

# ଭାଜପାର ସେବା, ସୁଶାସନ ଓ ଗରିବ କଲ୍ୟାଣ ଜନସଭା

ରାଇକିଆ,୧୬।୬(ଡି.ଏନ୍.ଏ.)

କନ୍ଧମାଳ ଜିଲା ରାଇକିଆ ଭାଜପା ତରଫରୁ ଗୁରୁବାର ସେବା, ସୁଶାସନ ଓ ଗରିବ କଲ୍ୟାଣ ଜନସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସୁଶାସନର ୮ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ହୋଇଛି। ଜିଲା ଭାଜପା ସଭାପତି ଜଗନ୍ନାଥ ସାହୁ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଯେପରି ଗ୍ରାମାଞ୍ଚଳରେ ପହଞ୍ଚିପାରିବ ଏବଂ ଏହାର ସଫଳ କାର୍ଯ୍ୟକାରିତା ନେଇ ପ୍ରଚାର ପ୍ରସାର ଓ ସଚେତନତା ଦିଗରେ କାର୍ଯ୍ୟ କରିବା ନେଇ ଆଲୋଚନା ହୋଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପଦ୍ମ ଦାସ, ଜିଲା ଉପସଭାପତି ଝୁଲିମା ଦଳ ବେହେରା, ଜିଲା ସାଧାରଣ ସମ୍ପାଦକ ମାନଗୋବିନ୍ଦ ପ୍ରଧାନ, ମଣ୍ଡଳ ସଭାପତି ନାରାୟଣ ପାତ୍ର, ସନ୍ତୋଷ ଲେଙ୍କା, ବାବୁଲା ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।


କାର୍ଯ୍ୟକ୍ରମରେ ଭାଜପା କର୍ମକର୍ତ୍ତା।

# ବଞ୍ଚିବା ପାଇଁ ରାହା ଖୋଜୁଛନ୍ତି ରବୀନ୍ଦ୍ର

ବଲସକୁମ୍ପା,୧୬।୬

କନ୍ଧମାଳ ଜିଲା ଖଜୁରୀପଡ଼ା ବ୍ଲକ ବଲସକୁମ୍ପା ଗ୍ରାମ ପଞ୍ଚାୟତ ଅଧୀନ ବାରିକୁମ୍ପା ଗ୍ରାମର ଯୁବକ ରବୀନ୍ଦ୍ର ମଲ୍ଲିକ (୨୭) ପ୍ରତିଦିନ ମଜୁରି ଖଟିଲେ ପରିବାର ଚଳେ। ପରିବାର କହିଲେ ୨ଜଣ ଛୋଟ ଛୋଟ ପୁଅ ଓ ସ୍ତ୍ରୀ ଏବଂ ବୃଦ୍ଧା ମା' ବାପା। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ କାମଦାମ କରି ଯେଉଁ ଦୁଇ ପଇସା ରୋଜଗାର ହୁଏ ସେଥିରେ ଗୁଜୁରାଣ ମେଣ୍ଟାଇବା ହୁଏ। କିନ୍ତୁ ଆଜକୁ ପ୍ରାୟ ଦୁଇ ବର୍ଷ ହେବ ଲକଡାଉନ୍‌ରେ ସରକାର ସବୁ ବନ୍ଦ କରିବା ଯୋଗୁ କୁଆଡେ କାମଦାମ ନ ପାଇ ବାଡ଼ି ବଗିଚାରେ ଚାଷବାସ କରିବା ସହିତ ଗଛରୁ ପଇଡ଼ ତୋଳି ତାକୁ ବିକ୍ରି କରି ସେଥିରୁ ଯାହା ପାଉଣା ମିଳେ ସେଥିରେ ଲକଡାଉନ୍ ସମୟରେ ପରିବାର ଚଳୁଥିଲା। ସବୁଦିନ ଭଳି ଦିନେ ମଧ୍ୟ ପଇଡ଼ ତୋଳିବା ପାଇଁ ଗଛକୁ ଚଢ଼ିଥିଲେ। କିନ୍ତୁ ଦୁର୍ଭାଗ୍ୟବଶତଃ ଗଛରୁ ପଡିଯିବା ଫଳରେ ଅଣ୍ଟାରେ ଜୋର୍ ଆଘାତ ଲାଗିଥିଲା। ସଙ୍ଗେ ସଙ୍ଗେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଘର ଲୋକେ ନେଲେ। କିନ୍ତୁ ସେଠାରୁ ଡାକ୍ତର ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲ ରେଫର୍ କଲେ। ସେଠାରେ ମଧ୍ୟ ଉତ୍ତମ ଚିକିତ୍ସା ଯୋଗାଇବା ସମ୍ଭବ ନ ହେବା ହେତୁ ଡାକ୍ତର ପୁଣି କଟକ ମେଡ଼ିକାଲକୁ ରେଫର କଲେ। କଟକରେ ଡାକ୍ତର ପରୀକ୍ଷା ନିରୀକ୍ଷା କଲା ପରେ କହିଲେ ଯେ ଅଣ୍ଟା ଅପରେଶନ କରିବାକୁ ପଡ଼ିବ। ତେଣୁ ଟଙ୍କା ଦରକାର ବୋଲି କହିବା ପରେ ଟଙ୍କା ପାଖରେ ନ ଥିବାରୁ ଅପରେଶନ କାର୍ଯ୍ୟ ବାଧା ପ୍ରାପ୍ତ ହେଲା। ଘରକୁ ଫେରି ଚାଲି ନ ପାରି ଘୁଷୁରି ଘୁଷୁରି ଘରେ ରହୁଛନ୍ତି।

ଅନ୍ୟପଟେ ସରକାର ସହାୟତା କିଛି ମଧ୍ୟ ମିଳି ନ ଥିବା କହିଛନ୍ତି ରବୀନ୍ଦ୍ର। ଭିନ୍ନକ୍ଷମ ବୋଲି ପ୍ରମାଣପତ୍ର ଥିଲେ ମଧ୍ୟ ଭତ୍ତା ପାଇବା କାଠିକର ପାଠ ହେଲା। ସେହିପରି ରାଜ୍ୟ ସରକାର ଖାଦ୍ୟ ନିରାପତ୍ତା ଆଇନ ମାଧ୍ୟମରେ ପ୍ରତ୍ୟେକ ଗରିବ ପରିବାରକୁ ମୁଣ୍ଡ ପିଛା ୫ କିଲୋ ଚାଉଳ ଯୋଗାଇ ଦେଉଥିବା ବେଳେ ତାହା ଏମାନଙ୍କୁ ସାତ ସପନ ପାଲଟିଛି। ଖାଇବାକୁ ଘରେ ଦାନା ନାହିଁ। ଏକମାତ୍ର ରୋଜଗାରିଆ ସ୍ୱାମୀଙ୍କ ଅଣ୍ଟା ଖରାପ ହେବା ପରେ ଘରକୁ ପଇସାଟିଏ ମଧ୍ୟ ଆସୁନାହିଁ। ଯାହା ମୁଁ କିଛି ଗାଁ ଗଣ୍ଡାରେ କାମ କରି ଚାଉଳ ଓ ପନିପରିବା ପାଉଛି ସେଥିରେ ଚାରି ପ୍ରାଣୀ କୁଟୁମ୍ବ ଓଳିଏ ଖାଇଲେ ଓଳିଏ ଉପାସ ରହୁଛୁ ବୋଲି କୋହଭରା କଣ୍ଠରେ ରବୀନ୍ଦ୍ର ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଏହି ଗରିବ ପରିବାରକୁ ଚିକିତ୍ସା ନିମନ୍ତେ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଅଞ୍ଚଳବାସୀ ସରକାରଙ୍କୁ ଅନୁରୋଧ କରିଛନ୍ତି। ସେହିପରି ଭତ୍ତା ଏବଂ ଚାଉଳ ଦେବା ପାଇଁ ସରକାରଙ୍କୁ ନିବେଦନ କରିଛନ୍ତି।


ପରିବାର ସହ ରବୀନ୍ଦ୍ର।

